# ସର୍ବବୃହତ ନିର୍ବାଚନ ଯାଞ୍ଚ କାର୍ଯ୍ୟକ୍ରମ ।

## ତାଲିମ ନେଲେ କମନ ସର୍ଭିସ୍ ସେଣ୍ଟରର କର୍ମକର୍ତ୍ତାମାନେ ।

ଅନୁଗୋଳ,ତା.୦୧.୧୦: .କମନ ସର୍ଭିସ୍ ସେଣ୍ଟର(ଜନ ସେବା କେନ୍ଦ୍ର) ମାଧ୍ୟମରେ ଭୋଟରମାନଙ୍କୁ ସଚେତନ କରିବା ସହ ଆବଶ୍ୟକ ସେବା ଯୋଗାଇ ଦେବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ଦୃଢ ଗଣତନ୍ତ୍ର ନିମନ୍ତେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଜନ ସେବା କେନ୍ଦ୍ର ତଥା କମନ୍ ସର୍ଭିସ ସେଣ୍ଟର ସରକାରଙ୍କ ବିଭିନ୍ନ ବ୍ୟବସ୍ଥା ମଧ୍ୟରେ ଏକ ଅଂଶ ହୋଇଥିବାରୁ ଏହି କାର୍ଯ୍ୟକ୍ରମରେ ସେମାନଙ୍କର ଉତ୍ତରଦାୟିତ୍ୱ ରହିଛି । ସମସ୍ତେ ନିଜ ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱଚ୍ଛ ଏବଂ ନିରପେକ୍ଷ କାର୍ଯ୍ୟ ସମ୍ପାଦନ କରିବା ପାଇଁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । କୌଣସି ମତଦାତାଙ୍କ ଠାରୁ ଭୋଟର ତଥ୍ୟ ଯାଞ୍ଚ ବାବଦରେ କିମ୍ବା ଅନ୍ୟାନ୍ୟ ତଥ୍ୟ ଉପଲବ୍ଧ କରାଇବା ସମୟରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ମୂଲ୍ୟ ଠାରୁ ଯଦି ଅଧିକ ଅର୍ଥ ଦାବି କରନ୍ତି ତେବେ ସମ୍ପୃକ୍ତ ଜନ ସେବା କେନ୍ଦ୍ର ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇଥିବା ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ଦୋଳଗୋବିନ୍ଦ ସାହୁ ଓ ବଣ୍ଟରପାଳ ବ୍ଲକର ଏ ବି ଡି ଓ ଶ୍ରୀ ଦିଲ୍ଲିପ କୁମାର ପ୍ରଧାନ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ NVSP Portal ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ୫୦ ରୁ ଉର୍ଦ୍ଧ କମନ୍ ସର୍ଭିସ୍ ସେଣ୍ଟର ଅଂଶଗ୍ରହଣ କରିଥିଲେ । ଡେପୁଟୀ କଲେକ୍ଟର ଶ୍ରୀ ଲମ୍ବୋଦର ମାରାଣ୍ଡି, ଆସିଷ୍ଟାଣ୍ଟ କଲେକ୍ଟର ମନୀଷା ଗୁପ୍ତା ଏହି ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶ୍ରୀ ଦେବୋଦତ୍ତ ସାହୁ ଓ ଶ୍ରୀ ଦେବାଶିଷ ମିଶ୍ର ଜିଲ୍ଲା ଇ-ଗଭର୍ନାନ୍ସ ଉପରେ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ଅନୁଗୋଳ ସମେତ ତାଳଚେର ଓ ଆଠମଲ୍ଲିକ ଅଂଚଳରେ କାର୍ଯ୍ୟ କରୁଥିବା କମନ ସର୍ଭିସ୍ ସେଣ୍ଟରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଶେଷରେ କମନ୍ ସର୍ଭିସ୍ ସେଣ୍ଟର କର୍ମକର୍ତ୍ତାମାନଙ୍କୁ ଇ ଭି ପି ଉପରେ ହ୍ୟାଣ୍ଡସ୍ ଅନ୍ ତାଲିମ ପ୍ରଦାନ କରାଯାଇଥିଲା ।


HANDS ON TRAINING OF
EVP TO CSC/BLO SUPERVISOR


HANDS ON TRAINING OF
EVP TO CSC/BLO SUPERVISOR